# ଆଜି କାଇମାଟି ଓ ମଙ୍ଗଳପୁର ସରପଞ୍ଚ ଉପ ନିର୍ବାଚନ

ଢେଙ୍କାନାଳ,୫।୧୨/ଏନ୍‌ଏନ୍‌ଏସ୍: ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ କାଇମାଟି ଓ ମଙ୍ଗଳପୁର ପଞ୍ଚାୟତରେ ସରପଞ୍ଚଉପ ନିର୍ବାଚନ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଯାଉଛି। ମଙ୍ଗଳବାର ଅପରାହ୍ନ ୫ଟାରେ ପ୍ରଚାର ଶେଷ ହେବାପରେ ଉଭୟ ପଞ୍ଚାୟତରେ ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଅନ୍ଧାରୀ ବିଜେ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଉଭୟ ପଞ୍ଚାୟତରେ ଭୋଟରଙ୍କୁ ଆପଣାଇବା ପାଇଁ ଭୋଜିଭାତର ସୁଅ ଛୁଟୁଛି। କାଇମାଟିରେ ନିର୍ବାଚନୀ ହିଂସାକୁ ଆଖି ଆଗରେ ରଖି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାଇମାଟି ଏବଂ ମଙ୍ଗଳପୁର ସରପଞ୍ଚଙ୍କ ଅକାଳ ବିୟୋଗ ଜନିତ କାରଣରୁ ଉପ ନିର୍ବାଚନ ୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। କାଇମାଟି ପଞ୍ଚାୟତରେ ୩୬୦୭ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୮୪୨ ଜଣ ପୁରୁଷ ଏବଂ ୧୭୬୫ ଜଣ ମହିଳା ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ମଙ୍ଗଳପୁର ପଞ୍ଚାୟତରେ ୩୨୧୯ ଜଣ ଭୋଟରଙ୍କ ମଧ୍ୟରୁ ୧୬୬୨ ପୁରୁଷ ଏବଂ ୧୫୫୭ ମହିଳା ଭୋଟର ଦୁଇ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ କରିବେ। ଗୁରୁବାର ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ କାଇମାଟିର ୧୧ଟି ଏବଂ ମଙ୍ଗଳପୁରର ୧୨ଟି ବୁଥ୍‌ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ପ୍ରତ୍ୟେକ ବୁଥ୍‌ରେ ୪ ଜଣ ଲେଖାଏଁ କର୍ମଚାରୀଙ୍କୁ ସମୁଦାୟ ୫୨ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିୟୋଜିତ କର୍ମଚାରୀମାନଙ୍କୁ ବ୍ଲକ କାର୍ଯ୍ୟାଳୟରେ ତାଲିମ ଦିଆଯାଇଛି। ପ୍ରତ୍ୟେକ ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର ସମେତ ପ୍ରଥମ ଏବଂ ଦ୍ୱିତୀୟ ପୁଲିଂ ଅଫିସରଙ୍କ ସହ ଜଣେ ଲେଖାଏଁ ପୁଲିସ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ଦୁଇଟି ପଞ୍ଚାୟତକୁ ଦୁଇଟି ସେକ୍ଟରରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ସେକ୍ଟରରେ ଜଣେ ଲେଖାଏଁ ସେକ୍ଟର ଅଫିସର ତଦାରଖ ପାଇଁ ନିୟୋଜିତ ହୋଇଛନ୍ତି। କାଇମାଟିରେ ୩ ଜଣ ପ୍ରାର୍ଥୀ ଏବଂ ମଙ୍ଗଳପୁରରେ ୨ ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ରହିଛନ୍ତି। ପୁଲିଂ ପାର୍ଟି ଉକ୍ତ ଦୁଇଟି ଗ୍ରାମ ପଞ୍ଚାୟତରେ ବାଲାଟ ପେପର ଓ ଅନ୍ୟାନ୍ୟ ସାମଗ୍ରୀ ସହ ପହଞ୍ଚିଛନ୍ତି।

ନିତିଦିନ NITIDIN
Thu, Dec 6, 2018
http://odishanewsnitidin.com